*1964*
*ଏପ୍ରିଲ, 15*

ସନ୍ତ ରାମ ଏବଂ ଅନ୍ୟମାନେ

ବନାମ

ଲଭ ସିଂ ଏବଂ ଅନ୍ୟମାନେ

[ପି. ବି. ଗଜେନ୍ଦ୍ରଗଡକର, ପ୍ରଧାନ ବିଚାରପତି, କେ. ଏନ୍. ୱାଞ୍ଚୁ, ଏମ୍. ହିଦାୟତୁଲ୍ଲା, କେ. ସି. ଦାସ ଗୁପ୍ତା ଏବଂ ଏନ୍. ରାଜାଗୋପାଳ ଆୟାଙ୍ଗର, ନ୍ୟାୟମୂର୍ତ୍ତିମାନେ]

*ପ୍ରାକ୍-କ୍ରୟାଧିକାର - ପ୍ରଥା ଉପରେ ଆଧାରିତ-ଭାରତର ସମ୍ବିଧାନକୁ ଉଲ୍ଲଂଘନ କରେ କି ନାହିଁ -"ବଳବତ୍ତର ଆଇନ"-ପ୍ରଥା ଏବଂ ପ୍ରଚଳନକୁ ଅନ୍ତର୍ଭୁକ୍ତ କରେ କି ନାହିଁ-ଭାରତର ସମ୍ବିଧାନ, ଅନୁଚ୍ଛେଦ 13, 19 ।*

ଉତ୍ତରଦାତାଙ୍କ ଦ୍ୱାରା ଆଗତ ହୋଇଥିବା ଏକ ମକଦ୍ଦମାରେ, ଯଦିଓ ମୁନ୍ସିଫ୍ ନିର୍ଣ୍ଣୟ ନେଇଛନ୍ତି ଯେ ସ୍ଥାନୀୟ ଅଞ୍ଚଳରେ କ୍ରୟାଧିକାରର ଏକ ସାଧାରଣ ପ୍ରଥା ଅଛି ଏବଂ ସେହି ପ୍ରଥା ଅନୁଯାୟୀ ଉତ୍ତରଦାତାଙ୍କର ପ୍ରାକ- କ୍ରୟାଧିକାର ଥିଲା, ମକଦ୍ଦମାକୁ ଖାରଜ କରାଯାଇଛି, କାରଣ ଉତ୍ତରଦାତାଙ୍କ ଘର ଏବଂ ବିକ୍ରି ହୋଇଥିବା ସମ୍ପତ୍ତି ମଧ୍ୟରେ ଥିବା 3 ଫୁଟ 6 ଇଞ୍ଚର ଚଉଡ଼ା ଜମିକୁ ବିକ୍ରୟରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଉତ୍ତରଦାତାଙ୍କ ଆବେଦନକୁ ଜିଲ୍ଲା ବିଚାରପତି ଅନୁମତି ଦେଇଥିଲେ । ଦୁଇଜଣିଆ ଖଣ୍ଡପୀଠଙ୍କୁ ଉଲ୍ଲେଖ କରାଯାଇଥିବା ପ୍ରଶ୍ନର ଉତ୍ତରର କାରଣ ପାଇଁ ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରି ବିଫଳ ହୋଇଥିଲେ । ଦୁଇଜଣିଆ ଖଣ୍ଡପୀଠ ନିର୍ଣ୍ଣୟ ନେଇଛନ୍ତି ଯେ ପଡୋଶୀ ଆଧାରରେ ପ୍ରାକ-କ୍ରୟାଧିକାର ସମ୍ବନ୍ଧୀୟ ଆଇନକୁ ଅନୁଚ୍ଛେଦ 19 (5) ଦ୍ୱାରା ସଂରକ୍ଷିତ ରଖାଯାଇଛି ଏବଂ ସମ୍ବିଧାନର ଅନୁଚ୍ଛେଦ13 ଅନୁଯାୟୀ ଏହା ଅସିଦ୍ଧ ନୁହେଁ । ଆବେଦନକାରୀ ଭାଉ ରାମ ବନାମ ବୈଜନାଥ ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ନିର୍ଭର କରିଥିଲେ ଏବଂ ଦାବି କରିଥିଲେ ଯେ ପଡୋଶୀ ଆଧାରରେ ପ୍ରାକ-କ୍ରୟାଧିକାର ଦାବି କରାଯାଇପାରିବ ନାହିଁ । ଉତ୍ତରରେ ଉତ୍ତରଦାତାମାନେ ଯୁକ୍ତି କରିଥିଲେ ଯେ (a) ଭାଉ ରାମଙ୍କ ମାମଲା ଏକ ବୈଧାନିକ ପଦକ୍ଷେପ ସହିତ ଜଡିତ ଥିବାବେଳେ ବର୍ତ୍ତମାନର ମାମଲା ପ୍ରଥାରୁ ଉତ୍ପନ୍ନ ହୋଇଥିଲା ଏବଂ ଏହିପରି *ପୃଥକ କରାଯାଇପାରେ ଏବଂ (b)* ଅନୁଚ୍ଛେଦ 13 (1) "ବଳବତ୍ତର ଥିବା ସମସ୍ତ ଆଇନ" ସହିତ ଜଡିତ ଏବଂ "ବଳବତ୍ତର ଥିବା ଆଇନ" ବାକ୍ୟାଂଶର ସଂଜ୍ଞାକୁ ଅନୁଚ୍ଛେଦ 13 ର ଖଣ୍ଡ (3) (b) *ରେ ଅନ୍ତର୍ଭୁକ୍ତ* କରାଯାଇନଥିଲା ।

*ନିର୍ଣ୍ଣୟ* ହୋଇଛି: (i) ଯେପର୍ଯ୍ୟନ୍ତ ବୈଧାନିକ ଆଇନ ସମ୍ପୃକ୍ତ, ଭାଉ ରାମଙ୍କ ମାମଲା ନିଷ୍ପତ୍ତି ନିଏ ଯେ ପଡୋଶୀ *ଆଧାରରେ ଥିବା* ଏକ ପ୍ରାକ-କ୍ରୟାଧିକାର ଆଇନ ଅସିଦ୍ଧ ଅଟେ । ବୈଧାନିକ ଆଇନକୁ ଅସିଦ୍ଧ ରଖିବା ପାଇଁ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣ, ଏକ ପ୍ରଥା ପାଇଁ ସମାନ ଭାବରେ ପ୍ରଯୁଜ୍ୟ ।

*ଭାଉ ରାମ ବନାମ ବି. ବୈଜନାଥ ସିଂହ,* [1962] ଏସୟୁପିପି. 3 ଏସ୍. ସି. ଆର୍. 724 ମାମଲାକୁ ଅନୁସରଣ କରାଯାଇଥିଲା ।

*ଦିଗମ୍ବର ସିଂହ ବନାମ ଅହମ୍ମଦ ସୈଦ ଖାନ,* ଏଲ. ଆର. 42 ଆଇ. ଏ. 10, ମାମଲାକୁ ଉଲ୍ଲେଖ କରାଯାଇଛି ।

(ii) ଭାରତର ସମସ୍ତ ରାଜ୍ୟ ମଧ୍ୟରେ ବଳବତ୍ତର ଥିବା ପ୍ରଥା ଓ ପ୍ରଚଳନର ଆଇନ "ବଳବତ୍ତର ଥିବା ସମସ୍ତ ଆଇନ" ର ଅଭିବ୍ୟକ୍ତିରେ ଅନ୍ତର୍ଭୁକ୍ତ କରାଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 299/1964, ସେପ୍ଟେମ୍ବର 26, 1961ରେ ଦ୍ୱିତୀୟ ଆବେଦନ ସଂଖ୍ୟା 620/1957 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

*ଜେ. ପି. ଗୋୟଲ,* ଆବେଦନକାରୀଙ୍କ ପାଇଁ ।

*ବି. ସି. ମିଶ୍ର,* ଉତ୍ତରଦାତା ସଂଖ୍ୟା 1 ପାଇଁ ।

ଏପ୍ରିଲ 15, 1964 । ଅଦାଲତଙ୍କ ରାୟ ପ୍ରଦାନ କରାଯାଇଥିଲା

*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲାଙ୍କ ଦ୍ୱାରା -- ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ପ୍ରମାଣପତ୍ର ଦ୍ୱାରା କୁହାଯାଇଛି ଯେ ଏହି ଆବେଦନରେ ଆବେଦନକାରୀମାନେ ହେଉଛନ୍ତି ଏକ ପ୍ରାକ୍- କ୍ରୟାଧିକାର ମକଦ୍ଦମାର ଚାରିଜଣ ମୂଳ ପ୍ରତିବାଦୀ, ଯାହା ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଆଗତ ହୋଇଛି । କୈସେରୀ ବେଗମ୍ (ଉତ୍ତରଦାତା ସଂଖ୍ୟା 2) ମହଲ୍ଲା ଘେର ଅବଦୁଲ ରହମାନ ଖାନ, କସ୍ବା ମିଲକ୍, ତହସିଲ ମିଲକ୍,

*1964*

*ସନ୍ତ ରାମ ଏବଂ ଅନ୍ୟମାନେ ବନାମ ଲଭ ସିଂ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

ଜିଲ୍ଲା ରାମପୁରରେ ଥିବା ଏକ ଜମି ଏବଂ ଦୁଇଟି ଘରକୁ ଡିସେମ୍ବର 4, 1953 ରେ ଆବେଦନକାରୀମାନଙ୍କୁ ବିକ୍ରି କରିଥିଲେ । ପ୍ରଥମ ଉତ୍ତରଦାତା ଲଭ ସିଂ ପାର୍ଶ୍ୱବର୍ତ୍ତୀ ଘରର ମାଲିକ ଥିଲେ ଏବଂ ସେ ସାଧାରଣ ଇଚ୍ଛା ଜାହିର କରିବା ପରେ ପଡୋଶୀ ଆଧାରରେ ପ୍ରାକ୍-କ୍ରୟାଧିକାର ଦାବି କରିଥିଲେ । ଏହି ମକଦ୍ଦମା ଲଭ ସିଂଙ୍କ ଦ୍ୱାରା ରାମପୁରର ମୁନ୍ସିଫ ଅଦାଲତରେ ଦାୟର କରାଯାଇଥିଲା, ଯିଏକି 25 ସେପ୍ଟେମ୍ବର, 1955 ରେ ତାଙ୍କ ରାୟ ଦ୍ୱାରା କହିଛନ୍ତି ଯେ ମିଲାକ ସହରରେ ପ୍ରାକ୍-କ୍ରୟାଧିକାରର ଏକ ସାଧାରଣ ପ୍ରଥା ଥିଲା । ସେ ଏହା ମଧ୍ୟ ମତବ୍ୟକ୍ତ କରିଥିଲେ ଯେ ଲଭ ସିଂହ ପ୍ରାକ୍- କ୍ରୟାଧିକାର ପାଇବାକୁ ହକଦାର ଥିଲେ ଏବଂ ତଲବଗୁଡ଼ିକୁ ସମ୍ପାଦନ କରିଥିଲେ । ତେବେ ସେ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ କାରଣ ଲଭ ସିଂହଙ୍କ ଘର ଏବଂ ବିକ୍ରି ହୋଇଥିବା ସମ୍ପତ୍ତି ମଧ୍ୟରେ ଥିବା 3 ଫୁଟ 6 ଇଞ୍ଚ ଚଉଡ଼ା ଜମିକୁ ଏହି ବିକ୍ରୟରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ସେ ଖର୍ଚ୍ଚ ବାବଦରେ କୌଣସି ଆଦେଶ ଦେଇନଥିଲେ । ଲଭ ସିଂହଙ୍କ ଦ୍ୱାରା ଏକ ଆବେଦନ କରାଯାଇଥିଲା ଏବଂ ବର୍ତ୍ତମାନର ଆବେଦନକାରୀମାନେ ଏହାକୁ ବିରୋଧ କରିଥିଲେ।ରାମପୁର ଜିଲ୍ଲା ବିଚାରପତି ଏହି ଆବେଦନକୁ ମଞ୍ଜୁର କରିଥିଲେ ଏବଂ ପ୍ରତି-ବିରୋଧଗୁଡିକୁ ଖାରଜ କରିଦେଇଥିଲେ । ଏହାପରେ ଆବେଦନକାରୀମାନେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ଆବେଦନ ଦାଖଲ କରିଥିଲେ । ଶ୍ରୀଯୁକ୍ତ ବିଚାରପତି ଭି. ଡି. ଭାର୍ଗବ, ଯିଏ ଏହି ଆବେଦନକୁ ଶୁଣିଥିଲେ, ସେ ନିମ୍ନଲିଖିତ ପ୍ରଶ୍ନକୁ ଏକ ଦୁଇଜଣିଆ ଖଣ୍ଡପୀଠକୁ ବିଚାରାର୍ଥେ ପଠାଇଥିଲେ:-

> "ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ, ପ୍ରାକ୍-କ୍ରୟାଧିକାର, ସମ୍ବିଧାନର ଅନୁଚ୍ଛେଦ 13 ସହିତ ପାଠ କରାଯାଉଥିବା ଅନୁଚ୍ଛେଦ 19 (1) (f) ର ବ୍ୟବସ୍ଥାଗୁଡ଼ିକର ବିରୋଧୀ କି, କିମ୍ବା ଏହା ଅନୁଚ୍ଛେଦ 19 ର ଖଣ୍ଡ (5) ଦ୍ୱାରା ସଂରକ୍ଷିତ ରଖାଯାଇଛି?"

ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ ପଡୋଶୀ ଆଧାରରେ ପ୍ରାକ୍-କ୍ରୟାଧିକାର ସମ୍ବନ୍ଧୀୟ ଆଇନ ଅନୁଚ୍ଛେଦ19 ର ଖଣ୍ଡ (5) ଦ୍ୱାରା ସଂରକ୍ଷିତ କରାଯାଇଛି ଏବଂ ସମ୍ବିଧାନର ଅନୁଚ୍ଛେଦ 13 ଅନୁଯାୟୀ ଏହାକୁ ଅସିଦ୍ଧ କରାଯାଇ ନାହିଁ । ଏହି ଉତ୍ତରର ଆଧାରରେ, ଦ୍ୱିତୀୟ ଆବେଦନକୁ ଖାରଜ କରାଯାଇଥିଲା । ତେବେ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ପ୍ରମାଣିତ କରିଛନ୍ତି ଏବଂ ବର୍ତ୍ତମାନର ଆବେଦନକୁ ଆଗତ କରାଯାଇଛି ।

ଶ୍ରୀଯୁକ୍ତ ବିଚାରପତି ଭି. ଡି. ଭାର୍ଗବଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନଟି *ଭାଉ ରାମ ବନାମ ବି. ବୈଜନାଥ ସିଂହ*(1) ମାମଲାରେ ରେୱା ରାଜ୍ୟ ପ୍ରାକ୍-କ୍ରୟାଧିକାର ଅଧିନିୟମ, 1946 ର ଧାରା 10 ଆଧାରରେ ଏହି ଅଦାଲତ ଦ୍ୱାରା ବିଚାର କରାଯାଇଥିଲା । ଏହି ଅଦାଲତ ସଂଖ୍ୟାଗରିଷ୍ଠତା ଦ୍ୱାରା ନିର୍ଣ୍ଣୟ ନେଇଥିଲେ ଯେ ପଡୋଶୀ ଆଧାରରେ ପ୍ରାକ୍- କ୍ରୟାଧିକାର ଆଇନ, ସମ୍ବିଧାନର ଅନୁଚ୍ଛେଦ 19 (1) (f) ଦ୍ୱାରା ପ୍ରତିଶୃତି ଦିଆଯାଇଥିବା ସମ୍ପତ୍ତି ଅଧିଗ୍ରହଣ, ଧାରଣ ଏବଂ ସମ୍ପତ୍ତି ନିକାଶ ଅଧିକାର ଉପରେ ଅଯୌକ୍ତିକ ପ୍ରତିବନ୍ଧକ ଲଗାଇଛି ଏବଂ ଯାହା ଅସିଦ୍ଧ ଥିଲା । ଏହା ଦର୍ଶାଯାଇଥିଲା ଯେ ଏହା ଉଭୟ ବିକ୍ରେତା ଏବଂ କ୍ରେତାଙ୍କ ଉପରେ ପ୍ରତିବନ୍ଧକ ଲଗାଇଛି ଏବଂ ସାଧାରଣ ଜନତାଙ୍କ ପାଇଁ କୌଣସି ଲାଭ ନାହିଁ ଏବଂ ଏହାକୁ ସମର୍ଥନ ପାଇଁ ଏକମାତ୍ର କାରଣ ଦିଆଯାଇଛି ଯେ ଏହା ବିଭିନ୍ନ ଧର୍ମ, ସମ୍ପ୍ରଦାୟ କିମ୍ବା ଜାତିର ବ୍ୟକ୍ତିଙ୍କୁ ଅନ୍ୟ ଧର୍ମ, ସମ୍ପ୍ରଦାୟ କିମ୍ବା ଜାତିର ବ୍ୟକ୍ତିଙ୍କ ଦ୍ୱାରା ଜନବହୁଳ କୌଣସି ଅଞ୍ଚଳରେ ସମ୍ପତ୍ତି ଅର୍ଜନରୁ ବାରଣ କରିଛି, ଯାହା ସମ୍ବିଧାନର ଅନୁଚ୍ଛେଦ 15 କୁ ଦୃଷ୍ଟିରେ ରଖି ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଇପାରିବ ନାହିଁ ।

ଯଦି ଏହି ନିର୍ଦ୍ଦେଶନାମାକୁ ଲାଗୁ କରାଯାଏ, ତେବେ ବର୍ତ୍ତମାନର ଆବେଦନ ନିଶ୍ଚୟ ସଫଳ ହେବ । ଲଭ ସିଂଙ୍କ ପାଇଁ ହାଜର ହୋଇଥିବା ଶ୍ରୀଯୁକ୍ତ ବି. ସି. ମିଶ୍ର, *ଭାଉ ରାମଙ୍କ* (1) ମାମଲାକୁ ପ୍ରଭେଦ ଦେଖାଇବାକୁ ଚେଷ୍ଟା କରିଛନ୍ତି । ସେ ଯୁକ୍ତି କରିଛନ୍ତି ଯେ ପୂର୍ବ ମାମଲାଟି ଏକ ବୈଧାନିକ ପଦକ୍ଷେପ ସହିତ ଜଡିତ ଥିବାବେଳେ ବର୍ତ୍ତମାନର ପ୍ରାକ୍-କ୍ରୟାଧିକାର ମାମଲା ପ୍ରଥାରୁ ଉତ୍ପନ୍ନ ହୋଇଛି । ସେ *ଦିଗମ୍ବର ସିଂ ବନାମ ଅହମ୍ମଦ ସୈଦ ଖାନଙ୍କ*(2) ନିର୍ଣ୍ଣୟକୁ ଉଲ୍ଲେଖ କରିଛନ୍ତି ଯେଉଁଠାରେ *ପ୍ରିଭି ପରିଷଦର* ନ୍ୟାୟିକ ସମିତି ଭାରତର ଗ୍ରାମୀଣ ସମ୍ପ୍ରଦାୟରେ ପ୍ରାକ୍- କ୍ରୟାଧିକାର ଆଇନର ପ୍ରାରମ୍ଭିକ ଇତିହାସ ପ୍ରଦାନ କରିଛି ଏବଂ ଦର୍ଶାଇଛି ଯେ ପ୍ରାକ୍- କ୍ରୟାଧିକାର ଆଇନର ଉତ୍ପତ୍ତି ମୁସଲମାନ ଆଇନରେ ହୋଇଥିଲା ଏବଂ ବେଳେବେଳେ, ଏକ ଗ୍ରାମରେ ଅଂଶୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ପରିଣାମ ଥିଲା । ଶ୍ରୀ ମିଶ୍ର ଯୁକ୍ତି ବାଢ଼ିଛନ୍ତି ଯେ ଅନୁଚ୍ଛେଦ 14 ଏବଂ 15 ରାଜ୍ୟ ଉଦ୍ଦେଶ୍ୟରେ ସମ୍ବୋଧିତ କରାଯାଇଛି ଯାହାକୁ ଅନୁଚ୍ଛେଦ 12 ରେ ବ୍ୟାଖ୍ୟା କରାଯାଇଛି ଏବଂ ପ୍ରଥା କିମ୍ବା ଚୁକ୍ତିନାମା ପାଇଁ ପ୍ରଯୁଜ୍ୟ ନୁହେଁ, ଯେହେତୁ, ତାଙ୍କ ଅନୁଯାୟୀ, ସମ୍ବିଧାନର ଅନୁଚ୍ଛେଦ 13 (3) (b) ରେ ଦିଆଯାଇଥିବା ସଂଜ୍ଞା ମଧ୍ୟରେ ଏଗୁଡିକ ଆଇନ ନୁହେଁ । ସେ ଉପସ୍ଥାପନ କରିଛନ୍ତି ଯେ ଏହି ନ୍ୟାୟାଳୟର ନିର୍ଦ୍ଦେଶନାମା ବର୍ତ୍ତମାନର ମାମଲାକୁ ଅନ୍ତର୍ଭୁକ୍ତ କରେ ନାହିଁ ଏବଂ ପଡୋଶୀ ଆଧାରରେ ଥିବା ପାରମ୍ପରିକ ପ୍ରାକ-କ୍ରୟାଧିକାର ଆଇନର ବୈଧତା ବିଷୟରେ ପ୍ରଶ୍ନକୁ ବିଚାର କରିବା ଆବଶ୍ୟକ ।

---

(1) [1962] Supp. 3 S. C. R. 724

(2) L.R. 42 I.A. 10, 18.

1964
ସନ୍ତ ରାମ ଏବଂ ଅନ୍ୟମାନେ
ବନାମ
ଲଭ ସିଂ ଏବଂ ଅନ୍ୟମାନେ
ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା

ପ୍ରାକ୍-କ୍ରୟାଧିକାର ଆଇନ ପ୍ରଥାଗତ କିମ୍ବା ଚୁକ୍ତିର ପରିଣାମ କିମ୍ବା ବିଧାନରୁ ଆସିଛି କି ନା ତାହାର ଉତ୍ସକୁ ଖୋଜିବା ପାଇଁ ପ୍ରାଚୀନ ଆଇନକୁ ଯିବାର ଆବଶ୍ୟକତା ନାହିଁ । ଯେପର୍ଯ୍ୟନ୍ତ ବିଧାନ ଆଇନ ସମ୍ପୃକ୍ତ, *ଭାଉ ରାମଙ୍କ ମାମଲା*[1] ନିଷ୍ପତ୍ତି ନିଏ ଯେ ପଡୋଶୀ ଆଧାରରେ ଥିବା ପ୍ରାକ୍- କ୍ରୟାଧିକାର ଆଇନ ଅସିଦ୍ଧ ଅଟେ । ବିଧାନ ଆଇନକୁ ଅସିଦ୍ଧ ନିର୍ଣ୍ଣୟ କରିବା ପାଇଁ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣ, ସମାନ ଭାବରେ ଏକ ପ୍ରଥା ପାଇଁ ପ୍ରଯୁଜ୍ୟ ଅଟେ । ତେଣୁ ଏକମାତ୍ର ପ୍ରଶ୍ନ ହେଉଛି, ଭାଗ III ଦ୍ୱାରା, ଯାହା ମୌଳିକ ଅଧିକାର ସହିତ ଜଡିତ, ଏପରି ପ୍ରଥା ପ୍ରଭାବିତ ହୋଇଛି କି ଏବଂ ବିଶେଷ କରି ଅନୁଛେଦ 19 (i) (f) । ଶ୍ରୀ ମିଶ୍ର ଏହି ସମ୍ବନ୍ଧରେ ଚତୁରତାର ସହ ଦର୍ଶାଇଛନ୍ତି ଯେ ଅନୁଛେଦ 13 (1) ସହିତ ଜଡ଼ିତ "ବଳବତ୍ତର ଥିବା ସମସ୍ତ ଆଇନ" ଏବଂ ପ୍ରଥାକୁ ଅନୁଚ୍ଛେଦ13 ର ଖଣ୍ଡ (3) (b) ରେ "ବଳବତ୍ତର ଥିବା ଆଇନ" ର ବାକ୍ୟାଂଶର ସଂଜ୍ଞାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ଏହି ପର୍ଯ୍ୟାୟରେ ଅନୁଛେଦ 13କୁ ପାଠ କରିବା ସୁବିଧାଜନକ ହେବ:

"13. (1) ଏହି ସମ୍ବିଧାନର ପ୍ରାରମ୍ଭର ତୁରନ୍ତ ପୂର୍ବରୁ ଭାରତରେ ବଳବତ୍ତର ଥିବା ସମସ୍ତ ଆଇନ, ଯେତେଦୂର ପର୍ଯ୍ୟନ୍ତ ସେଗୁଡ଼ିକ ଏହି ଭାଗର ବ୍ୟବସ୍ଥାଗୁଡ଼ିକ ସହିତ ଅସଙ୍ଗତ ଥିବ, ସେପର୍ଯ୍ୟନ୍ତ ଅସଙ୍ଗତି ପାଇଁ, ଅସିଦ୍ଧ ଘୋଷଣା ହେବ ।

(2) ରାଜ୍ୟ ଏପରି କୌଣସି ଆଇନ ପ୍ରଣୟନ କରିବ ନାହିଁ ଯାହା ଏହି ଭାଗ ଦ୍ୱାରା ପ୍ରଦତ୍ତ ଅଧିକାରକୁ ଛଡ଼ାଇ ନେବ କିମ୍ବା ହ୍ରାସ କରିବ ଏବଂ ଏହି ଖଣ୍ଡର ଉଲ୍ଲଙ୍ଘନ ଦ୍ୱାରା କରାଯାଇଥିବା କୌଣସି ଆଇନ, ଉଲ୍ଲଙ୍ଘନ ହେଉଥିବା ପର୍ଯ୍ୟନ୍ତ, ଅସିଦ୍ଧ ହେବ।

(3) ଏହି ନିବନ୍ଧରେ, ଯେପର୍ଯ୍ୟନ୍ତ ପ୍ରସଙ୍ଗ ଅନ୍ୟଥା ପୁନର୍ବାର ଆବଶ୍ୟକ ନ କରିଛି । -

(a) "ଆଇନ" ଭାରତରେ ବଳବତ୍ତର ଥିବା କୌଣସି ଅଧ୍ୟାଦେଶ, ଆଦେଶ, ଉପ-ନିୟମ, ନିୟମ, ନିୟାମକ, ଅଧିସୂଚନା, ପ୍ରଥା କିମ୍ବା ପ୍ରଚଳନକୁ ଅନ୍ତର୍ଭୁକ୍ତ କରେ ।

(b) "ବଳବତ୍ତର ଥିବା ଆଇନ" ଏହି ସମ୍ବିଧାନର ଆରମ୍ଭ ପୂର୍ବରୁ ଭାରତର ବିଧାନପାଳିକା କିମ୍ବା ଅନ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ କିମ୍ବା ପ୍ରସ୍ତୁତ ହୋଇଥିବା ଆଇନ ଏବଂ ଯାହା ପୂର୍ବରୁ ରଦ୍ଦ ହୋଇନଥିବ, ତାହାକୁ ଅନ୍ତର୍ଭୁକ୍ତ କରେ, ଏହା ସତ୍ତ୍ୱେ, ଏପରି କୌଣସି ଆଇନ କିମ୍ବା ସେଠାରେ ଥିବା ଏହାର କୌଣସି ଅଂଶ ପରବର୍ତ୍ତୀ ସମୟରେ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ।"

ଶ୍ରୀ ମିଶ୍ରଙ୍କ ତର୍କ ହେଉଛି ଯେ ଅନୁଛେଦ 13 (3) (a) ରେ ଥିବା "ଆଇନ" ର ସଂଜ୍ଞାକୁ ପ୍ରଥମ ଖଣ୍ଡ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ, କାରଣ ଏହା ଦ୍ୱିତୀୟ ଖଣ୍ଡରେ "ଆଇନ" ଶବ୍ଦକୁ ବ୍ୟାଖ୍ୟା କରିବାକୁ ଉଦ୍ଦିଷ୍ଟ । ତାଙ୍କ ମତରେ, ଖଣ୍ଡ (1) ରେ ବ୍ୟବହୃତ ବାକ୍ୟାଂଶ "ବଳବତ୍ତର ଆଇନ" କୁ ଖଣ୍ଡ (3) (b) ରେ ବ୍ୟାଖ୍ୟା କରାଯାଇଛି ଏବଂ କେବଳ ସେହି ସଂଜ୍ଞା ପ୍ରଥମ ଖଣ୍ଡକୁ ପରିଚାଳନା କରେ, ଏବଂ ଯେହେତୁ ସେହି ସଂଜ୍ଞା ରୀତିନୀତି କିମ୍ବା ପ୍ରଚଳନକୁ ଧ୍ୟାନ ଦିଏ ନାହିଁ, ପ୍ରଥା ଉପରେ ଆଧାରିତ ପ୍ରାକ୍-କ୍ରୟାଧିକାର ଆଇନ ଅନୁଛେଦ 19 (i) (f) ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଆମ ରାୟରେ, "ଆଇନ" ଶବ୍ଦର ସଂଜ୍ଞାକୁ ପ୍ରଥମ ଖଣ୍ଡ ସହିତ ପଢିବା ଆବଶ୍ୟକ । ଯଦି "ବଳବତ୍ତର ଥିବା ଆଇନ" ବାକ୍ୟାଂଶର ସଂଜ୍ଞା ଦିଆଯାଇ ନ ଥାନ୍ତା, ତେବେ ଏହା ସ୍ପଷ୍ଟ ଯେ "ଆଇନ" ଶବ୍ଦର ସଂଜ୍ଞା ପ୍ରଥମ ଖଣ୍ଡ ସହିତ ପଢାଯାଇଥାନ୍ତା । ପ୍ରଶ୍ନ ହେଉଛି "ବଳବତ୍ତର ଥିବା ଆଇନ" ର ଯୌଗିକ ବାକ୍ୟାଂଶକୁ ବ୍ୟାଖ୍ୟା କରିବାର ଉଦ୍ଦେଶ୍ୟ ହେଉଛି ପ୍ରଥମ ସଂଜ୍ଞାକୁ ବାଦ ଦେବା । "ବଳବତ୍ତର ଥିବା ଆଇନ" ବାକ୍ୟାଂଶର ସଂଜ୍ଞା ହେଉଛି ଏକ ଅନ୍ତର୍ଭୁକ୍ତି ସଜ୍ଞା ଏବଂ ସମ୍ବିଧାନର ଆରମ୍ଭ ପୂର୍ବରୁ ଏକ ବ୍ୟବସ୍ଥାପିକା କିମ୍ବା ଅନ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ କିମ୍ବା ପ୍ରସ୍ତୁତ ଆଇନକୁ ଅନ୍ତର୍ଭୁକ୍ତ କରିବାକୁ ଉଦ୍ଦିଷ୍ଟ, ଏହି ତଥ୍ୟ ନିର୍ବିଶେଷରେ, ଆଇନ କିମ୍ବା ଏହାର କୌଣସି ଅଂଶ ନିର୍ଦ୍ଦିଷ୍ଟ ଅଞ୍ଚଳରେ କିମ୍ବା ଆଦୌ କାର୍ଯ୍ୟକାରୀ ହୋଇନଥିଲା । ଅନ୍ୟ ଶବ୍ଦରେ, ଆଇନ, ଯାହା କାର୍ଯ୍ୟକାରୀ ହୋଇନଥିଲା, ଯଦିଓ ବିଧାନ ପୁସ୍ତକର, "ବଳବତ୍ତର ଥିବା ଆଇନ" ବାକ୍ୟାଂଶରେ ଅନ୍ତର୍ଭୁକ୍ତ କରାଯାଇଥିଲା । କିନ୍ତୁ ଦ୍ୱିତୀୟ ସଂଜ୍ଞା କୌଣସି ପ୍ରକାରେ ସେହି ଶବ୍ଦର ସଂଜ୍ଞା ଦ୍ୱାରା ସମ୍ପ୍ରସାରିତ ପ୍ରଥମ ଖଣ୍ଡରେ "ଆଇନ" ଶବ୍ଦର ପରିସରକୁ ସୀମିତ କରେ ନାହିଁ । ଏହା କେବଳ ଏପରି କିଛି ଅନ୍ତର୍ଭୁକ୍ତ କରି ଏହାକୁ ବିସ୍ତାର କରିବାକୁ ଚେଷ୍ଟା କରେ ଯାହା, କିନ୍ତୁ ଦ୍ୱିତୀୟ ସଂଜ୍ଞା ପାଇଁ, ପ୍ରଥମ ସଂଜ୍ଞା ଦ୍ୱାରା ଅନ୍ତର୍ଭୁକ୍ତ ହେବ ନାହିଁ । ଭାରତରେ ବଳବତ୍ତର ଥିବା ସମସ୍ତ ରୀତିନୀତି ଏବଂ ଚଳଣୀର ଆଇନକୁ କାହିଁକି "ବଳବତ୍ତର ଥିବା ସମସ୍ତ ଆଇନ" ଅଭିବ୍ୟକ୍ତି ଦ୍ୱାରା ବିଚାର କରାଯିବା ଆବଶ୍ୟକ, ତାହାର ଦୁଇଟି ବାଧ୍ୟତାମୂଳକ କାରଣ ଅଛି । ପ୍ରଥମତଃ,

(1) [1962] Supp. 3 S. C. R. 724.

ଅନ୍ୟଥା କହିବାକୁଗଲେ, ପ୍ରଥମ ଖଣ୍ଡର କାର୍ଯ୍ୟକାରିତାକୁ ଏପରି ଭାବରେ ସୀମିତ କରିବ ଯେ ପ୍ରଥମ ସଂଜ୍ଞାରେ ଉଲ୍ଲିଖିତ କୌଣସି ଜିନିଷ ମୌଳିକ ଅଧିକାର ଦ୍ୱାରା ପ୍ରଭାବିତ ହେବ ନାହିଁ । ଦ୍ୱିତୀୟତଃ, ଏହା ଦେଖିବାକୁ ହେବ ଯେ ଦ୍ୱିତୀୟ ଖଣ୍ଡଟି *ରାଜ୍ୟ ଦ୍ୱାରା ପ୍ରସ୍ତୁତ* "ଆଇନ" ବିଷୟରେ କହୁଛି ଏବଂ ପ୍ରଥା କିମ୍ବା ପ୍ରଚଳନ ରାଜ୍ୟ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ । ଯଦି ପ୍ରଥମ ସଂଜ୍ଞା କେବଳ ଖଣ୍ଡ (2) କୁ ନିୟନ୍ତ୍ରଣ କରେ, ତେବେ, "ପ୍ରଥା କିମ୍ବା ପ୍ରଚଳନ" ଶବ୍ଦଗୁଡ଼ିକ ଖଣ୍ଡ (1) କିମ୍ବା ଖଣ୍ଡ (2) ପାଇଁ ପ୍ରଯୁଜ୍ୟ ହେବ ନାହିଁ ଏବଂ ଏହା ସମ୍ଭବତଃ ଉଦ୍ଦେଶ୍ୟମୂଳକ ହୋଇ ନଥାନ୍ତା । ଏହା ସ୍ପଷ୍ଟ ଯେ ଉଭୟ ସଂଜ୍ଞା ଅନୁଚ୍ଛେଦର ପ୍ରଥମ ଖଣ୍ଡର ଅର୍ଥକୁ ନିୟନ୍ତ୍ରଣ କରେ । ତେଣୁ ଏହି ତର୍କକୁ ଗ୍ରହଣ କରାଯାଇପାରିବ ନାହିଁ । କୁହାଯାଇଛି ଯେ ବର୍ତ୍ତମାନ ସମ୍ବିଧାନର ନିର୍ଦ୍ଦେଶାବଳୀ ଏବଂ *ଭାଉ ରାମଙ୍କ*(1) ମାମଲାରେ ଏହି ନ୍ୟାୟାଳୟର ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଉତ୍ତରଦାତା ସଂଖ୍ୟା 1 ଏହି ବିଚାରାଦେଶକୁ ବଜାୟ ରଖିପାରିବେ ନାହିଁ । ଆବେଦନକୁ ଅନୁମତି ଦିଆଯିବ କିନ୍ତୁ ମାମଲାର ପରିସ୍ଥିତିରେ, ପକ୍ଷମାନେ ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ ।

*ଆବେଦନକୁ ଅନୁମତି ପ୍ରଦାନ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇ ନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

(1) [1962] Supp. 3 S. C. R. 724